# ନିର୍ବାସିତ[୧]

ମୁଁ ଏବେ
ଆଶ୍ରୟ ଖୋଜୁଛି
ଆସିଛି ଅନେକ ଦୂରରୁ
ନିର୍ବାସିତ ହୋଇ
ମୋ ନିଜ ଘରୁ, ଗାଁରୁ, ସହରରୁ, ଦେଶରୁ
ନଈ, ପାହାଡ଼, ସମୁଦ୍ର
ଗୀର୍ଜା, ମସଜିଦ୍ ଓ ମନ୍ଦିରରୁ ।।
କ୍ଷତବିକ୍ଷତ ଆକାଶର ସ୍ପନ୍ଦନ ଭିତରୁ ।।

ହାୟ! କିଏ ଦେବ ଆଶ୍ରୟ
ଏଠି ତ ଉଜୁଡ଼ି ଯାଇଛି
ସବୁ ଘର, ସବୁ ହୃଦୟ ।।

ରକ୍ତରେ ଭାସୁଛି
ବିଶ୍ୱ ମାନଚିତ୍ର
ମୃତ ପ୍ରତ୍ୟୟର ଦେହ ।।

ମୁଁ କ'ଣ ଏଇମିତି
ଆଶ୍ରୟ ଖୋଜୁଥିବି
କାଳ, କାଳ, ଚିରକାଳ!

---

[୧] ପ୍ରଜାତନ୍ତ୍ର ସାପ୍ତାହିକୀ, ଜାନୁଆରୀ–୩୧– ଫେବୃୟାରୀ –୬–୧୯୯୯